ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ

Vedic Literature of Ancient India

# ଉପନିଷଦ

(ଉପନିଷତ୍)

Upanishad / उपनिषत्

## ୧୦୮ ଉପନିଷଦ (ଭାଗ - ୧)

108 Upanishad (Part – 1)


### ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ

Editor – Prakash Pradhan


### ଭାଷା - ସଂସ୍କୃତ-ଓଡିଆ

Language – Sanskrit - Odia


ଉପଦେଷ୍ଟା

### ପଣ୍ଡିତ ଶ୍ରୀ ସନ୍ତୋଷ କୁମାର ମିଶ୍ର

ସଂପାଦକ, ହିନ୍ଦୁ ମହାସଭା, ଓଡ଼ିଶା ଶାଖା

# ବେଦ ଉପନିଷଦ

ଉପନିଷଦ ଗୁଡିକ 'ବେଦ ଯୁଗ'ର ଶେଷ ଆଡ଼କୁ ରଚନା କରାଯାଇଥିଲା । ଉପନିଷଦ 'ଷଦ' ଶବ୍ଦରୁ ଆସିଅଛି, ଷଦ ଅର୍ଥାତ 'ବସିବା', ଏଥିରେ ପୂର୍ବରେ 'ଉପ' ଓ 'ନି' କୁ ଯୋଡା ଯାଇଛି । ଅର୍ଥାତ 'ଉପ' ର ଅର୍ଥ ପାଖରେ , 'ନି' ର ଅର୍ଥ ସମ୍ପୁର୍ଣ୍ଣ ଭାବରେ, ତେଣୁ ଉପ-ନି-ଷଦ, ଯାହାର ଅର୍ଥ ହେଲା, ସମ୍ପୁର୍ଣ୍ଣ ଭାବରେ ଗୁରୁଙ୍କ ପାଖରେ ବସିବା, ଅର୍ଥାତ ସମ୍ପୁର୍ଣ୍ଣ ସମର୍ପଣ ସହିତ ଗୁରୁଙ୍କ ପାଖରେ ବସି ବେଦର ଶେଷ ଭାଗ ଅଧ୍ୟୟନ କରିବା । **ଉପନିଷଦ**କୁ ବେଦର **ଚତୁର୍ଥ ସ୍ତର** ବା ଅଂଶ ବୋଲି କୁହାଯାଏ ।

ଯେହେତୁ ଉପନିଷଦ ଗୁଡିକ ବେଦର ଅନ୍ତ ଆଡ଼କୁ ରଚନା କରାଯାଇଥିଲା, ସେଥିପାଇଁ ଏହାକୁ '**ବେଦାନ୍ତ**' ମଧ୍ୟ କୁହାଯାଏ । ଅଧିକାଂଶ ଉପନିଷଦ ଗୁଡିକର ବିଷୟବସ୍ତୁ '**ଆତ୍ମବିଦ୍ୟା** ଓ '**ବ୍ରହ୍ମବିଦ୍ୟା** ଉପରେ ଆଧାରିତ । ଏହାକୁ ଅନେକ ଗବେଷକ ବା ପଣ୍ଡିତ ବା ଜ୍ଞାନୀମାନେ ଅନେକ ଆଖ୍ୟା ଦେଇଛନ୍ତି ଯଥା – 'ଆଦି ଶଙ୍କରାଚାର୍ଯ୍ୟ' ଏହାକୁ 'ଆତ୍ମ ଓ ବ୍ରହ୍ମବିଦ୍ୟା' କହିଛନ୍ତି, 'ମାକ୍ସ ମୁଲ୍ଲେର୍' ଓ 'ପାଉଲ୍ ଦେଉସାନ୍' ଏହାକୁ 'ଗୁପ୍ତ ଶିକ୍ଷା', ଓ 'ପାଟ୍ରିକ୍ ଓଲିଭେଲ୍ଲେ' 'ଲୁକ୍କାୟିତ ଅର୍ଥ', ବୋଲି କହିଛନ୍ତି ।

ଏହା କୁହାଯାଏ ଯେ, ଯେଉଁ ଶିଷ୍ୟ ମାନଙ୍କର ଚରିତ୍ର, ଶିକ୍ଷା ଓ ଗୁରୁଭକ୍ତି ଠିକ ରହୁଥିଲା, ସେଇମାନଙ୍କୁ କେବଳ ଉପନିଷଦ ଶିକ୍ଷା ଗ୍ରହଣ କରିବାର ସୁଯୋଗ ମିଳୁଥିଲା । ସେଇଥିପାଇଁ ଉପନିଷଦ ମାନଙ୍କୁ "**ଗୁପ୍ତ ବିଦ୍ୟା**" କୁହାଯାଏ ।

ଇତିହାସକାର ଓ ଗବେଷକ ମାନଙ୍କ ଅନୁସାରେ ବେଦରେ ସମୁଦାୟ **୧୦୮**ଟି ଉପନିଷଦ ଅଛି । ଏହିସବୁ ଉପନିଷଦ ଗୁଡିକୁ ପ୍ରତ୍ୟେକ ବେଦ ଅଧୀନରେ ସେମାନଙ୍କର ପ୍ରାଧାନ୍ୟ ଓ ବିଷୟବସ୍ତୁ ଅନୁସାରେ ବିଭକ୍ତ କରାଯାଇଛି । ବିଭକ୍ତିକରଣର ପଦ୍ଧତି ଗୁଡିକ ହେଲେ - **ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ**, ଓ **ଯୋଗ** । ଅର୍ଥାତ ପ୍ରତ୍ୟେକ ବେଦର ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ, ଓ ଯୋଗ ଉପନିଷଦ ଗୁଡିକ ଅଛି । (ତଳେ ଦିଆଯାଇଥିବା ଟେବୁଲରେ ଏହାର ସଂକ୍ଷିପ୍ତକରଣ ପାଇ ପାରିବେ)

ଏସବୁ ଉପନିଷଦ ଭିତରୁ **ଦଶୋପନିଷଦ,** ଅର୍ଥାତ ୧୦ଟି ଉପନିଷଦକୁ 'ମୁଖ୍ୟ ଉପନିଷଦ' ଭାବରେ ମାନନ୍ତି, ଏଥିରେ, ପରେ ଆଉ ୩ଟି ଉପନିଷଦ ଯୋଗ କରାଯାଇ ଏହାକୁ ୧୩ଟି କରିଦିଆଗଲା । ତେଣୁ **୧୩ଟି ମୁଖ୍ୟ ଉପନିଷଦ**, ସେଗୁଡିକ ହେଲେ - (ଦଶୋପନିଷଦ) - ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ତୈତ୍ତିରୀୟ, ଐତରେୟ, ଛାନ୍ଦୋଗ୍ୟ ଓ ବୃହଦାରଣ୍ୟକ, (ଅତିରିକ୍ତ) - କୌଷୀତକି, ଶ୍ୱେତାଶ୍ୱତର ଓ ମୈତ୍ରାୟଣୀୟ ।

# ବେଦ - ଉପନିଷଦ ସଂଗଠନ

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଋଗ୍ ବେଦ | ୧୦ | ଐତରେୟ, କୌଷୀତକି | ଆତ୍ମବୋଧ, ମୁଦ୍ଗଲ | ନିର୍ବାଣ | ତ୍ରିପୁରା, ସୌଭାଗ୍ୟଲକ୍ଷ୍ମୀ, ବହ୍ବୃଚ, | - | ଅକ୍ଷମାଳିକା | ନାଦବିନ୍ଦୁ |
| ସାମବେଦ | ୧୬ | ଛାନ୍ଦୋଗ୍ୟ, କେନ | ବଜ୍ରସୂଚୀ, ମହା, ସାବିତ୍ରୀ, | ଆରୁଣେୟ, ମୈତ୍ରେୟ, ସଂନ୍ୟାସ, କୁଣ୍ଡିକା | - | ବାସୁଦେବ, ଅବ୍ୟକ୍ତ | ରୁଦ୍ରାକ୍ଷଜାବାଲ, ଜବାଲି | ଯୋଗଚୂଡାମଣି, ଦର୍ଶନ |
| କୃଷ୍ଣ ଯଜୁର୍ବେଦ | ୩୨ | କଠ, ତୈତ୍ତିରୀୟ, ଶ୍ୱେତାଶ୍ୱତର, ମୈତ୍ରାୟଣୀୟ, | ସର୍ବସାର, ଶୁକରହସ୍ୟ, ସ୍କନ୍ଦ, ଗର୍ଭ, ଶାରୀରକ, ଏକାକ୍ଷର, ଅକ୍ଷି | ବ୍ରହ୍ମ, ଅବଧୂତ, କଠଶ୍ରୁତି | ସରସ୍ୱତୀ ରହସ୍ୟ | ନାରାୟଣ, କଳି ସନ୍ତରଣ | କୈବଲ୍ୟ, କାଳାଗ୍ନି ରୁଦ୍ର, ଦକ୍ଷିଣାମୂର୍ତି, ରୁଦ୍ରହୃଦୟ, ପଞ୍ଚବ୍ରହ୍ମ | ଅମୃତବିନ୍ଦୁ, ତେଜୋବିନ୍ଦୁ, ଅମୃତନାଦ, କ୍ଷୁରିକା, ଧ୍ୟାନବିନ୍ଦୁ, ବ୍ରହ୍ମବିଦ୍ୟା, ଯୋଗତତ୍ତ୍ୱ, ଯୋଗଶିଖା, ଯୋଗକୁଣ୍ଡଳିନୀ, ବରାହ |
| ଶୁକ୍ଳ ଯଜୁର୍ବେଦ | ୧୮ | ଈଶ, ବୃହଦାରଣ୍ୟକ | ସୁବାଲ, ମନ୍ତ୍ରିକ, ନିରାଲମ୍ବ, ପୈଙ୍ଗଲ, ଅଧ୍ୟାତ୍ମ, ମୁକ୍ତିକା | ଜାବାଲ, ଭିକ୍ଷୁକ, ତୁରୀୟାତୀତ ଅବଧୂତ, ୟାଜ୍ଞବଲ୍କ୍ୟ, ଶାଟ୍-ୟାୟନୀୟ, | - | ତାରସାର | - | ଅଦ୍-ବୟ ତାରକ, ହଂସ, ତ୍ରିଶିଖ-ବ୍ରାହ୍ମଣ, ମଣ୍ଡଳ-ବ୍ରାହ୍ମଣ |

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଅଥର୍ବ ବେଦ | ୩୨ | ମୁଣ୍ଡକ, ମାଣ୍ଡୁକ୍ୟ, ପ୍ରଶ୍ନ, | ଆତ୍ମା, ସୂର୍ଯ୍ୟ, ପ୍ରାଣାଗ୍ନିହୋତ୍ର | ଆଶ୍ରମ, ନାରଦପରିବ୍ରାଜକ, ପରମହଂସ, ପରମହଂସ ପରିବ୍ରଜକ, ପରଂବ୍ରହ୍ମ, | ସୀତା, ଦେବୀ, ତ୍ରିପୁରାତାପିନୀ, ଭାବନ | ନୃସିଂହ ତାପନୀୟ, ମହାନାରାୟଣ, ରାମ ରହସ୍ୟ, ରାମ ତାପନୀୟ, ଗୋପାଳ-ତାପନୀ, କୃଷ୍ଣ, ହୟଗ୍ରୀବ, ଦତ୍ତାତ୍ରେୟ, ଗରୁଡ଼ | ଅଥର୍ବସିରସ୍, ଅଥର୍ବଶିଖା, ବୃହଜ୍ଜାବାଲ, ଶରଭ, ଭସ୍ମଜାବାଲ, ଗଣପତ୍ୟର୍ଥବ ଶୀର୍ଷ | ଶାଣ୍ଡିଲ୍ୟ, ପଶୁପତିବ୍ରହ୍ମ, ମହାବାକ୍ୟ |
| ସର୍ବମୋଟ | ୧୦୮ | ୧୩ | ୨୧ | ୧୯ | ୮ | ୧୪ | ୧୩ | ୨୦ |

**ପ୍ରୀୟ ପାଠକ,**

ବିଭିନ୍ନ ସୂତ୍ରରୁ ଉପଲବ୍ଧ ଉପନିଷଦ ମାନଙ୍କ ମଧ୍ୟରେ ସାମାନ୍ୟ ଅନ୍ତର ପରିଲକ୍ଷିତ ହୋଇଥାଏ, ଏହା ଭୁଲ୍ କିମ୍ବା ତୃଟିଯୁକ୍ତ ନୁହେଁ, ଏହା କେବଳ ଭିନ୍ନ ଭିନ୍ନ ସଂସ୍କରଣ ଅଟେ । ଏହି ଉପନିଷଦ ସଂସ୍କରଣରେ ୧୯୪୮ ମସିହାରେ ପ୍ରକାଶିତ "ଈଶାଦି ବିଂଶୋତ୍ତରଶତୋପନିଷଦଃ" ପୁସ୍ତକ ବ୍ୟବହାର କରାଯାଇଛି ।

ଆମ ଜ୍ଞାନ ଅବଧିରେ, ଧ୍ୟାନ ପୂର୍ବକ ସମସ୍ତ ସାବଧାନ, ଓ ଯତ୍ନର ସହିତ ଓଡିଆରେ ରୂପାନ୍ତର କରାଯାଇଛି । ଏଥିରେ ଭୁଲ୍ ବା ତୃଟି ରହିଥାଇପାରେ, ଯଦି କିଛି ତୃଟି ରହିଯାଇଥାଏ, ତାହା ସଂପାଦକଙ୍କ ଦୃଷ୍ଟି ଗୋଚରକୁ ଆଣିବାକୁ ଅନୁରୋଧ ।

ଆଶାକରୁଛି, ଏହା ସମସ୍ତ ଓଡିଆ ଭାଷା ଭାଷୀ ଜ୍ଞାନଲିପ୍ସୁ ଜନମାନଙ୍କ କାମରେ ଆସିବ ଓ ଏହାକୁ ଅନ୍ୟମାନଙ୍କ, ତଥା ଭବିଷ୍ୟତ ପିଢି ପର୍ଯ୍ୟନ୍ତ ପହଞ୍ଚାଇ ଭାରତର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବେ ।

**ତାରିଖ - ୧୦.୦୯.୨୦୨୧**

**ଗଣେଶ ଚତୁର୍ଥୀ**

**ଶ୍ରୀ ପ୍ରକାଶ ପ୍ରଧାନ**

**ସଂପାଦକ**

ସଂସାରଫଳ, ପଚାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା

# ମୁଖ୍ୟ ଉପନିଷଦ

(Principal Upanishad)

ଓଁ ଶ୍ରୀ ଗଣେଶାୟ ନମଃ

# ମାଣ୍ଡୂକ୍ୟୋପନିଷଦ

(Maandukyopanishat / Maandukyopanishad)


**ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ**

Editor – Prakash Pradhan


**ଭାଷା - ସଂସ୍କୃତ-ଓଡିଆ**

Language – Sanskrit - Odia


**ଶୁଦ୍ଧିକରଣ (**Proofreading by)

ଶ୍ରୀ କୁମୁଦ ଚନ୍ଦ୍ର ଶତପଥୀ

ଅଧ୍ୟାପକ ଶ୍ରୀ ଅରୁଣ କୁମାର ଦାଶ




## ଶ୍ରୀ ପ୍ରକାଶ ପ୍ରଧାନ

ସଂପାଦକ

prakash@scholarshoppe.com


# ଶୁଦ୍ଧିକରଣ






## ଶ୍ରୀ କୁମୁଦ ଚନ୍ଦ୍ର ଶତପଥୀ

ଦେବଗଡ, ଓଡିଶା

kumuda.youngindia@gmail.com

## ଅଧ୍ୟାପକ ଶ୍ରୀ ଅରୁଣ କୁମାର ଦାଶ

ସଂସାରଫଳ, ପଟ୍ଟାମୁଣ୍ଡାଇ,

କେନ୍ଦ୍ରାପଡା, ଓଡିଶା

dasharun609@gmail.com

# ମାଣ୍ଡୂକ୍ୟୋପନିଷତ୍ / ମାଣ୍ଡୂକ୍ୟୋପନିଷଦ / ମାଣ୍ଡୂକ୍ୟ ଉପନିଷଦ

## ।। ଅଥ ମାଣ୍ଡୂକ୍ୟୋପନିଷତ୍ ।।

ଓଁ ଭଦ୍ରଂ କର୍ଣେଭିଃ ଶ୍ରୁଣୁୟାମ ଦେବାଃ । ଭଦ୍ରଂ ପଶ୍ୟେମାକ୍ଷଭିର୍ୟଜତ୍ରାଃ ।
ସ୍ଥିରୈରଙ୍ଗୈସ୍ତୁଷ୍ଟୁବାଂସସ୍ତନୂଭିଃ । ବ୍ୟଶେମ ଦେବହିତଂ ୟଦାୟୁଃ ।
ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ । ସ୍ୱସ୍ତି ନଃ ପୂଷା ବିଶ୍ୱବେଦାଃ ।
ସ୍ୱସ୍ତି ନସ୍ତାର୍କ୍ଷ୍ୟୋ ଅରିଷ୍ଟନେମିଃ । ସ୍ୱସ୍ତି ନୋ ବୃହସ୍ପତିର୍ଦଧାତୁ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

ଓମିତ୍ୟେତଦକ୍ଷରମିଦଂସର୍ବଂ ତସ୍ୟୋପବ୍ୟାଖ୍ୟାନଂ
ଭୂତଂ ଭବଦ୍-ଭବିଷ୍ୟଦିତି ସର୍ବମୋଙ୍କାର ଏବ ।
ୟଚ୍ଚାନ୍ୟତ୍ତ୍ରିକାଲାତୀତଂ ତଦପ୍ୟୋଙ୍କାର ଏବ ।। ୧ ।।

ସର୍ବଂ ହ୍ୟେତଦ୍-ବ୍ରହ୍ମାୟମାତ୍ମା ବ୍ରହ୍ମ ସୋଽୟମାତ୍ମା ଚତୁଷ୍ପାତ୍ ।। ୨ ।।

ଜାଗରିତସ୍ଥାନୋ ବହିଃପ୍ରଜ୍ଞଃ ସପ୍ତାଙ୍ଗ ଏକୋନବିଂଶତିମୁଖଃ ସ୍ଥୂଲଭୁଗ୍ୱୈଶ୍ୱାନରଃ ପ୍ରଥମଃ ପାଦଃ ।। ୩।।

ସ୍ୱପ୍ନସ୍ଥାନୋଽନ୍ତଃପ୍ରଜ୍ଞଃ ସପ୍ତାଙ୍ଗ ଏକୋନବିଂଶତିମୁଖଃ ପ୍ରବିବିକ୍ତଭୁକ୍ ତୈଜସୋ ଦ୍ୱିତୀୟଃ ପାଦଃ ।। ୪।।

ୟତ୍ର ସୁପ୍ତୋ ନ କଂଚନ କାମଂ କାମୟତେ ନ କଂଚନ ସ୍ୱପ୍ନଂ ପଶ୍ୟତି ତତ୍ସୁଷୁପ୍ତମ୍ ।
ସୁଷୁପ୍ତସ୍ଥାନ ଏକୀଭୂତଃ ପ୍ରଜ୍ଞାନଘନ ଏବାନନ୍ଦମୟୋ ହ୍ୟାନନ୍ଦଭୁକ୍ ଚେତୋମୁଖଃ
ପ୍ରାଜ୍ଞସ୍ତୃତୀୟଃ ପାଦଃ ।। ୫ ।।

ଏଷ ସର୍ବେଶ୍ୱର ଏଷ ସର୍ବଜ୍ଞ ଏଷୋଽନ୍ତର୍ୟାମ୍ୟେଷ ୟୋନିଃ ସର୍ବସ୍ୟ
ପ୍ରଭବାପ୍ୟୟୌ ହି ଭୂତାନାମ୍ ।। ୬ ।।

ନାନ୍ତଃପ୍ରଜ୍ଞଂ ନ ବହିଃପ୍ରଜ୍ଞଂ ନୋଭୟତଃପ୍ରଜ୍ଞଂ ନ ପ୍ରଜ୍ଞାନଘନଂ ନ ପ୍ରଜ୍ଞଂ ନାପ୍ରଜ୍ଞମ୍ ।
ଅଦୃଷ୍ଟମବ୍ୟବହାର୍ୟମଗ୍ରାହ୍ୟମଲକ୍ଷଣମଚିନ୍ତ୍ୟମବ୍ୟପଦେଶ୍ୟମେକାତ୍ମପ୍ରତ୍ୟୟସାରଂ
ପ୍ରପଞ୍ଚୋପଶମଂ ଶାନ୍ତଂ ଶିବମଦ୍ୱୈତଂ ଚତୁର୍ଥଂ ମନ୍ୟନ୍ତେ ସ ଆତ୍ମା ସ ବିଜ୍ଞେୟଃ ।। ୭ ।।

ସୋଽୟମାତ୍ମାଽଧ୍ୟକ୍ଷରମୋଙ୍କାରୋଽଧିମାତ୍ରଂ ପାଦା ମାତ୍ରା ମାତ୍ରାଶ୍ଚ ପାଦା
ଅକାର ଉକାରୋ ମକାର ଇତି ।। ୮ ।।

ଜାଗରିତସ୍ଥାନୋ ବୈଶ୍ୱାନରୋଽକାରଃ ପ୍ରଥମା ମାତ୍ରାଽଽପ୍ତେରାଦିମତ୍ତ୍ୱାଦ୍ୱାପ୍ନୋତି
ହ ବୈ ସର୍ବାନ୍-କାମାନାଦିଶ୍ଚ ଭବତି ୟ ଏବଂ ବେଦ ।। ୯ ।।

ସ୍ୱପ୍ନସ୍ଥାନସ୍ତୈଜସ ଉକାରୋ ଦ୍ୱିତୀୟା ମାତ୍ରୋତ୍କର୍ଷାଦୁଭୟତ୍ୱାଦ୍ୱୋତ୍କର୍ଷତି
ହ ବୈ ଜ୍ଞାନସଂତତିଂ ସମାନଶ୍ଚ ଭବତି ନାସ୍ୟାବ୍ରହ୍ମବିତ୍କୁଲେ ଭବତି ୟ ଏବଂ ବେଦ ।। ୧୦ ।।

ସୁଷୁପ୍ତସ୍ଥାନଃ ପ୍ରାଜ୍ଞୋ ମକାରସ୍ତୃତୀୟା ମାତ୍ରା ମିତେରପୀତେର୍ବା
ମିନୋତି ହ ବା ଇଦଂ ସର୍ବମପୀତିଶ୍ଚ ଭବତି ୟ ଏବଂ ବେଦ ।। ୧୧ ।।

ଅମାତ୍ରଶ୍ଚତୁର୍ଥୋଽବ୍ୟବହାର୍ୟଃ ପ୍ରପଞ୍ଚୋପଶମଃ ଶିବୋଽଦ୍ୱୈତ
ଏବମୋଙ୍କାର ଆତ୍ମୈବ ସଂବିଶତ୍ୟାତ୍ମନାତ୍ମାନଂ ୟ ଏବଂ ବେଦ ୟ ଏବଂ ବେଦ ।। ୧୨ ।।

ଓଁ ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବାଃ । ଭଦ୍ରଂ ପଶ୍ୟେମାକ୍ଷଭିର୍ୟଜତ୍ରାଃ ।
ସ୍ଥିରୈରଙ୍ଗୈସ୍ତୁଷ୍ଟୁବାଂସସ୍ତନୂଭିଃ । ବ୍ୟଶେମ ଦେବହିତଂ ୟଦାୟୁଃ ।
ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ । ସ୍ୱସ୍ତି ନଃ ପୂଷା ବିଶ୍ୱବେଦାଃ ।
ସ୍ୱସ୍ତି ନସ୍ତାର୍କ୍ଷ୍ୟୋ ଅରିଷ୍ଟନେମିଃ । ସ୍ୱସ୍ତି ନୋ ବୃହସ୍ପତିର୍ଦଧାତୁ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

**।। ଇତି ଅଥର୍ବବେଦୀୟ ମାଣ୍ଡୂକ୍ୟୋପନିଷତ୍ ସମାପ୍ତା ।।**